Download Tech Of World App

WtsApp/Call- 8596976190

# Odisha 10th Exam- Mock Test, PYQS , Note, E-Books Get Now In App




## Tech Of World

## Download App

GET IT ON Google Play

## Click Here

YouTube- Click Here

Telegram- Click Here

Facebook- Click Here

Join Us-

TOW

Download Tech Of World App
WtsApp/Call- 8596976190

No. of Questions : 50
No. of Printed Pages : 8

**2019**
**AH**

Techofworld.In

Secretary

Roll No. : ..................................

Booklet Sl. No. : 084517

Time : 1 Hour
Full Marks : 50

SET : **A**

ସମୟ : 1 ଘଣ୍ଟା
ପୂର୍ଣ୍ଣ ସଂଖ୍ୟା : 50

**REGULAR – (2019 COURSE)**
**EX-REGULAR – (2014 COURSE)**

ଏହି ପ୍ରଶ୍ନପତ୍ର ପୁସ୍ତିକାଟି HSC ପରୀକ୍ଷାର୍ଥୀଙ୍କ ନିମନ୍ତେ ଉଦ୍ଦିଷ୍ଟ

**ନିରୀକ୍ଷକଙ୍କ ନିମନ୍ତେ ବିଶେଷ ସୂଚନା**

ଉକ୍ତ ବିଷୟର ପରୀକ୍ଷା ସରିବା ପରେ ଏହି ପ୍ରଶ୍ନପତ୍ର ପୁସ୍ତିକା (PART - I – OBJECTIVE) ଟିକୁ ପରୀକ୍ଷାର୍ଥୀମାନେ ସାଥିରେ ନେବେ । ପରୀକ୍ଷା ଗୃହ ଛାଡ଼ିବା ପୂର୍ବରୁ ନିରୀକ୍ଷକମାନେ ତାହାକୁ ଠିକ୍‌ଭାବେ ତଦାରଖ କରିବା ଏକାନ୍ତ ଜରୁରୀ ।

# OBJECTIVE QUESTION BOOKLET

## PART - I – OBJECTIVE

## AR/AXR – 01 – FLO

## F.L. – ODIA

**A**

SET A Set

**ପରୀକ୍ଷାର୍ଥୀଙ୍କ ନିମନ୍ତେ ସୂଚନା**

ଏହି ପ୍ରଶ୍ନପତ୍ର ପୁସ୍ତିକାରେ 50ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର OMR ଫର୍ଦ୍ଦରେ ଥିବା ନିର୍ଦ୍ଦେଶାନୁସାରେ ଦେବା ଆବଶ୍ୟକ ।

P.T.O.

Join Us-

Download Tech Of World App WtsApp/Call- 8596976190

| PART – I |
|---|
| ପ୍ରଥମ ଭାଷା ଓଡ଼ିଆ |

ସମୟ – 1 ଘଣ୍ଟା ପୂର୍ଣ୍ଣ ସଂଖ୍ୟା – 50

୧। ଏଥିରେ 50ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି । ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ ।

୨। ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରିଗୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଉତ୍ତର ଫର୍ଦ୍ଦରେ ଥିବା ଗୋଲାକାର ଅଂଶକୁ କଳା/ନୀଳ ବଲ ପଏଣ୍ଟ ପେନ୍ ଦ୍ୱାରା ସଂପୂର୍ଣ୍ଣ ଭାବେ କଳା/ନୀଳ କର । ଆଂଶିକ କଳା/ନୀଳ କରାଯାଇଥିଲେ ତାହାର ମୂଲ୍ୟାୟନ ହୋଇପାରିବ ନାହିଁ ।

1. କବିଙ୍କ ଶକ୍ତି ଓ ତୃପ୍ତି ପାଇଁ ମାଟି କ'ଣ ଦେଇଛି?
(A) ମିଠାପାଣି
(B) ଚେରମୂଳ
(C) ଧୀରପବନ
(D) ଗଛ ଲତାର ଫଳ

2. କ'ଣ କରିଥିବାରୁ କବି ମାଟିର ଦେଶକୁ ବୁଲି ଆସିଛନ୍ତି?
(A) ଧର୍ମ
(B) ତପ
(C) ଦାନ
(D) ପୁଣ୍ୟ

3. କାହାକୁ ଦୁର୍ଯ୍ୟୋଧନ କଳ୍ପତରୁ ସହିତ ତୁଳନା କରିଛି?
(A) ସନ୍ତାନକୁ
(B) ଧନସମ୍ପଦକୁ
(C) ରାଜ୍ୟକୁ
(D) ଅଶ୍ୱତ୍ଥାମାକୁ

4. ପଠିତ କବିତାରେ 'ଧୃତରାଷ୍ଟ୍ର' ବୋଲି କାହାକୁ କୁହାଯାଇଛି?
(A) କୌରବଙ୍କୁ
(B) ପାଣ୍ଡବଙ୍କୁ
(C) ଦୁର୍ଯ୍ୟୋଧନକୁ
(D) ଭୀମଙ୍କୁ

5. ରାମଚନ୍ଦ୍ର କାହିଁକି ସିନ୍ଧୁ ପୋତିବାର ବିଚାର କଲେ?
(A) ସୀତାଙ୍କୁ ପାଇବା ଆଶାରେ
(B) ରାବଣକୁ ବଧ କରିବା ପାଇଁ
(C) ଲଙ୍କାକୁ ଜୟ କରିବା ପାଇଁ
(D) ଗମନାଗମନର ସୁବିଧା ପାଇଁ

6. ଭାଟ କ'ଣ କରେ?
(A) ଭିକ୍ଷା ମାଗେ
(B) ଗୀତଗାଏ
(C) ସ୍ତବ ପାଠକରେ
(D) ବୀଣା ବଜାଏ

Join Us-

Download Tech Of World App WtsApp/Call- 8596976190

7. ବନ୍ଧନହରା କେଉଁଠାରେ ନିର୍ଝର ସୃଷ୍ଟି କରିବେ ?
(A) କୃଷି କ୍ଷେତ୍ରରେ
(B) ଲକ୍ଷ ଜୀବନରେ
(C) ପର୍ବତରେ
(D) ମରୁପଥରେ

8. ବନ୍ଧନହରା ସମ୍ମୁଖରେ କିଏ କୁହେଳି ସୃଷ୍ଟି କରେ ?
(A) ତିମିରକାରା
(B) ମୋହମମତାର ନୀର
(C) ବନ୍ଧନରାଜି
(D) ଚନ୍ଦ୍ର ତପନ ତାରା

9. ସଂଗୀତ ଆବେଶରେ ମନ କେଉଁଠି ବିଚରଣ କରେ ?
(A) ସ୍ୱପ୍ନରାଜ୍ୟରେ
(B) ଚିଲିକାର ନୀଳ ବକ୍ଷରେ
(C) ବନସ୍ଥଳୀରେ
(D) ଅତୀନ୍ଦ୍ରିୟ ଦେଶରେ

10. ପାପ-ଗଡ଼ରେ କିଏ ପଡ଼େ ?
(A) ମୀନ
(B) ଧୀବର
(C) ଅଜ୍ଞାନ
(D) ପୋତପାଳ

11. ମନୁଷ୍ୟ ବହୁ ପରିମାଣରେ କାହାର ଦାସ ?
(A) ପରିସ୍ଥିତିର
(B) ଗତାନୁଗତିକତାର
(C) ରାଜନୀତିର
(D) ଆର୍ଥିକ ଅବସ୍ଥାର

12. ଦ୍ୱାରକାର ରାଜଭୋଗରେ କୃଷ୍ଣଙ୍କ ପାଦ କିପରି ରକ୍ତାଭ ହୋଇଥିଲା ?
(A) ରକ୍ତକମଳ ପରି
(B) କୃଷ୍ଣଚୂଡ଼ା ପରି
(C) ସ୍ଥଳପଦ୍ମ ପରି
(D) ନବପଲ୍ଲବ ପରି

13. ଭୋଗ କେଉଁ ସଭ୍ୟତାର ଆଦର୍ଶ ନଥିଲା ?
(A) ମିଶରୀୟ
(B) ଗ୍ରୀସୀୟ
(C) ଭାରତୀୟ
(D) ରୋମୀୟ

14. ଜନତାର ପ୍ରଥମ ପ୍ରୟୋଜନ କ'ଣ ?
(A) ଆଞ୍ଚଳିକ ଭାଷା
(B) ଶିକ୍ଷା
(C) ସୁଶାସନ
(D) ଧନ

Techofworld.In
Join Us- TOW

Download Tech Of World App WtsApp/Call- 8596976190

15. ଫକୀର ମୋହନଙ୍କପରି ଯେଉଁମାନେ ଓଡ଼ିଆ ଭାଷା ପାଇଁ ଚିନ୍ତା କରୁଥିଲେ, ସେମାନଙ୍କୁ କ'ଣ କୁହାଯାଉଥିଲା?
(A) ଭାଷାପ୍ରେମୀ
(B) ଦେଶଭକ୍ତ
(C) ସାହିତ୍ୟିକ
(D) ରିଙ୍ଗ ଲିଡର

16. ବିଶ୍ୱନାଥ ଦତ୍ତ କିଏ?
(A) ବିବେକାନନ୍ଦଙ୍କ ଶିଷ୍ୟ
(B) ବିବେକାନନ୍ଦଙ୍କ ପିତା
(C) ହାଥରାସର ଷ୍ଟେସନ ମାଷ୍ଟର
(D) ନରେନ୍ଦ୍ରନାଥଙ୍କ ଗୁରୁଭାଇ

17. କେଉଁଟି ରାଧାନାଥଙ୍କ ରଚନା?
(A) ପ୍ରଣୟବଲ୍ଲରୀ
(B) ଶର୍ମିଷ୍ଠା
(C) ନନ୍ଦିକେଶ୍ୱରୀ
(D) ବସନ୍ତ ଗାଥା

18. ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସର ନାମ କ'ଣ?
(A) ବାବାଜୀ
(B) ବିବେକୀ
(C) ପଦ୍ମମାଳୀ
(D) ରେବତୀ

9. 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ର ଲେଖକ କିଏ?
(A) ନୀଳକଂଠ ଦାସ
(B) ଗୋପବନ୍ଧୁ ଦାସ
(C) ଗୋଦାବରୀଶ ମିଶ୍ର
(D) କୃପାସିନ୍ଧୁ ମିଶ୍ର

20. କେଉଁଟି କାହ୍ନୁଚରଣ ମହାନ୍ତିଙ୍କ ରଚନା?
(A) ହରିଜନ
(B) କାଳାନ୍ତର
(C) ଶାସ୍ତି
(D) ମାଟି ମଟାଳ

21. କେଉଁ ଗଛକୁ ସ୍ନେହମୟୀ ଜନନୀ ସହିତ ଗାଳ୍ପିକ ତୁଳନା କରିଛନ୍ତି?
(A) ବର
(B) ଅଶ୍ୱତ୍ଥ
(C) ବେଲ
(D) ଟାକୁଣ୍ଡା

22. ନଟବର ବାବୁଙ୍କୁ ତାଙ୍କ ବାପା ମଲାବେଳେ କେତେ ବର୍ଷ ହୋଇଥିଲା?
(A) ବର୍ଷେ
(B) ପାଞ୍ଚବର୍ଷ
(C) ଦଶବର୍ଷ
(D) ପନ୍ଦରବର୍ଷ

23. ଜୟଦେବ ବାବୁ ଓ ମିଶ୍ରବାବୁ ପାହାନ୍ତିଆରୁ ଉଠି କ'ଣ କରୁଥିଲେ?
(A) ରେଡ଼ିଓ ଶୁଣୁଥିଲେ
(B) ଭଜନ ଗାଉଥିଲେ
(C) ପ୍ରାତଃଭ୍ରମଣରେ ଯାଉଥିଲେ
(D) ଚା'ପିଇ ଗପ କରୁଥିଲେ

24. ତାଙ୍କ କାର୍‌ର ପଛ ସିଟ୍‌ରେ ବସିଥିବା ବ୍ୟକ୍ତିଜଣକ ନିଃସନ୍ଦେହରେ ମିଶ୍ରବାବୁ ବୋଲି ଜୟଦେବ ବାବୁ କିପରି ଜାଣିଲେ?
(A) ତାଙ୍କ ଦାଢ଼ିରୁ
(B) ତାଙ୍କ କାର୍ଯ୍ୟରୁ
(C) ତାଙ୍କ ହସରୁ
(D) ତାଙ୍କ କଥାରୁ

Join Us-

25. କାହାକୁ ଚାହିଁ ଅଙ୍ଗଦ ଚୌଧୁରୀ ଚମକି ଉଠିଥିଲେ?

(A) ବିଶାଳ ସେନାବାହିନୀକୁ

(B) ରକ୍ତର ସୁଅକୁ

(C) ଧଉଳି ପାହାଡ଼କୁ

(D) ଦୀର୍ଘଦେହୀ ପୁରୁଷଙ୍କୁ

26. ରାଜେଶ୍ୱରୀ କାହା ସହିତ ଯୁଦ୍ଧ କରି ମୃତ୍ୟୁବରଣ କରିଥିଲେ?

(A) ଅଶୋକ

(B) ମଗଧ ସେନା

(C) ମଗଧର ମହାମନ୍ତ୍ରୀ

(D) ମଗଧର ସେନାପତି

27. ସୁନ୍ଦ ଓ ଉପସୁନ୍ଦ କେତେବର୍ଷ ଯୁଦ୍ଧ କରି ଇନ୍ଦ୍ରଙ୍କୁ ସ୍ୱର୍ଗଚ୍ୟୁତ କରିଥିଲେ?

(A) ଏକ ବର୍ଷ

(B) ଦଶ ବର୍ଷ

(C) ଶହେ ବର୍ଷ

(D) ସହସ୍ର ବର୍ଷ

28. କାହାଙ୍କୁ ଶକ୍ତି ଭିକ୍ଷା କରି ଶୀଘ୍ର ବିଶ୍ୱକର୍ମାଙ୍କୁ ଡାକି ଆଣିବାକୁ ଇନ୍ଦ୍ର କାର୍ତ୍ତିକେୟଙ୍କୁ କହିଥିଲେ?

(A) ପବନଙ୍କୁ

(B) ଶିବଙ୍କୁ

(C) ଦେବୀଙ୍କୁ

(D) ଅଗ୍ନିଙ୍କୁ

29. ନରସିଂହ ଦେବ କେଉଁ ବଂଶର ଦାୟାଦ ଥିଲେ?

(A) ଭୋଇ ବଂଶର

(B) ଚନ୍ଦ୍ରବଂଶର

(C) ସୂର୍ଯ୍ୟ ବଂଶର

(D) କେଶରୀ ବଂଶର

30. କାହାର ଭୁଲ ହୁଏ ବୋଲି ଧରମା ବିଶୁମହାରଣାକୁ କହିଛି?

(A) ଶିଳ୍ପୀମାନଙ୍କର

(B) ମଣିଷର

(C) ପଣ୍ଡିତମାନଙ୍କର

(D) ମୁନିମାନଙ୍କର

31. ଛେଳିଟି ଗୀତ ଗାଉଛି। – ଏହା ବାକ୍ୟ ନୁହେଁ କାହିଁକି?

(A) ଆକାଂକ୍ଷା ରହୁଥିବାରୁ

(B) ଆସତ୍ତିର ଅଭାବ ରହୁଥିବାରୁ

(C) ମନର ଭାବ ପ୍ରକାଶ ପାଉ ନଥିବାରୁ

(D) ଯୋଗ୍ୟତା ନଥିବାରୁ

32. ଜମିଦାରଙ୍କ ପୁଅ ସୁରେନ୍ଦ୍ର ଏ ମନ୍ଦିର ତୋଳିଛନ୍ତି। – ଏହି ବାକ୍ୟରେ କେଉଁଟି ସମ୍ବନ୍ଧିତ ପଦ?

(A) ସୁରେନ୍ଦ୍ର

(B) ଜମିଦାରଙ୍କ

(C) ପୁଅ

(D) ମନ୍ଦିର

Techofworld.in

33. ଦୁଇ ବା ତତୋଧିକ ପରସ୍ପର ସାପେକ୍ଷ ଖଣ୍ଡବାକ୍ୟର ସମନ୍ୱୟରେ କେଉଁ ପ୍ରକାର ବାକ୍ୟ ଗଠିତ ହୁଏ ?

(A) 'ସରଳ
(B) ଯୌଗିକ
(C) ଜଟିଳ
(D) ମିଶ୍ର

34. ମଦନ ଦ୍ୱାରା ଗୀତ ଗାଇବା ସମ୍ଭବ ନୁହେଁ । –ଏହା କେଉଁ ପ୍ରକାର ବାକ୍ୟ ?

(A) ବିବୃତି ସୂଚକ
(B) ନାସ୍ତିସୂଚକ
(C) ଆଦେଶ ସୂଚକ
(D) ବିସ୍ମୟ ସୂଚକ

35. କେଉଁ ଶବ୍ଦରେ 'ର' ପରେ କେବଳ ସ୍ୱରବର୍ଣ୍ଣର ବ୍ୟବଧାନ ଥାଇ 'ନ' ଥିବାରୁ 'ଣ' ହୋଇଛି ?

(A) ରାବଣ
(B) ଦର୍ପଣ
(C) ମ୍ରିୟମାଣ
(D) ଦାରୁଣ

36. କେଉଁ ଶବ୍ଦରେ ଷତ୍ୱବିଧି ନିୟମର ବ୍ୟତିକ୍ରମ ଘଟିନାହିଁ ?

(A) ପୁଲିସ
(B) ବିସ୍ତାର
(C) ଅନୁସରଣ
(D) ବିସ୍ମରଣ

37. 'ମନଭାବ' ଶବ୍ଦରେ କେଉଁ ପ୍ରକାର ଅଶୁଦ୍ଧି ରହିଛି ?

(A) ସମାସଗତ
(B) ତଦ୍ଧିତଗତ
(C) ସନ୍ଧିଗତ
(D) ବିଶେଷ୍ୟ ବିଶେଷଣ ଗତ

38. ଶୁଦ୍ଧ ଶବ୍ଦଟି ବାଛ :

(A) ଦିଗାମ୍ବର
(B) କୃର
(C) ଭୂଲ
(D) ଅନୂଦିତ

39. କେଉଁଟି ଶବ୍ଦଟିର ଶୁଦ୍ଧ ରୂପ ?

(A) ଗୋଲକ ବିହାରୀ
(B) ଗୋଲୋକ ବିହାରୀ
(C) ଗୋଲକ ବିହାରି
(D) ଗୋଲୋକ ବିହାରି

40. କେଉଁଟି କ୍ରିୟାଯୁକ୍ତ ରୂଢ଼ି ?

(A) ବାହାଘର ବେଳେ ବାଇଗଣ ରୁଆ
(B) ନଈ ନଦେଖୁଣୁ ଲଙ୍ଗଳା
(C) ମାଛିକି ମ' ନ କହିବା
(D) ଗୋଟିଏ ଚାଉଳରେ ଗଢ଼ା

Techofworld.in

Download Tech Of World App WtsApp/Call- 8596976190

41. 'ଜପାମାଳି' ରୂଢ଼ିର ଅର୍ଥ କ'ଣ ?
(A) ଅତିପ୍ରିୟ
(B) ଯାହା ସାହାଯ୍ୟରେ କାର୍ଯ୍ୟ ହାସଲ ହୁଏ
(C) ବୃଥାଧମକ
(D) ନିଷ୍ଫଳ ପ୍ରାର୍ଥନା

42. କେଉଁଟି ତୁଳନାତ୍ମକ ରୂଢ଼ି ?
(A) ଛୁଞ୍ଚିମାଛି ପରୀକ୍ଷା
(B) ବୋଝ ଉପରେ ନଳିତାବିଡ଼ା
(C) ବରଡ଼ା ପତ୍ର ପରି ଥରିବା
(D) ହାତରେ ନମାରି ଭାତରେ ମାରିବା

43. ଉପର ଚହଟ ଚିକ୍କଣ ଭିତର ଫମ୍ପା – ଲୋକ-ବାଣୀଟିର ଅର୍ଥ କ'ଣ ?
(A) ଅତି ସାମାନ୍ୟ
(B) ସ୍ୱଭାବ ସହଜରେ ବଦଳେ ନାହିଁ
(C) ବାହାର ସୌନ୍ଦର୍ଯ୍ୟ ଥାଇ ଭିତରେ ଶୂନ୍ୟତା
(D) ଗୁଣ ଘେନି ଆଦର

44. 'କ୍ଷୁଦ୍ର ମଧ୍ୟରେ ଭୟଙ୍କରତା' ଅର୍ଥରେ କେଉଁ ଲୋକବାଣୀଟି ବ୍ୟବହୃତ ହୁଏ ?
(A) ଛୋଟ ସାପର ବଡ଼ ବିଷ
(B) ଅମୃତ ହାଣ୍ଡିରେ ବିଷ କଣିକାଏ
(C) ନଈ ସୁଅକୁ ବାଲିବନ୍ଧ
(D) ଧରାକୁ ସରା ମଣିବା

45. କେଉଁ ଛନ୍ଦର ଚାରି ପାଦରେ ଗୋଟିଏ ପଦ ହୁଏ ?
(A) ନଟବାଣୀ
(B) ବଙ୍ଗଳାଶ୍ରୀ
(C) ଚୋଖି
(D) ରାମକେରୀ

46. "କର୍ମ କଷଣ ଦେହ ସହେ ଅରଣ୍ୟେ ଅଜଗର ପ୍ରାୟେ" – ଏହା କେଉଁ ଛନ୍ଦରେ ରଚିତ ?
(A) ବିଭାସ କେଦାର
(B) ଗୁଜ୍ଜରୀ
(C) ରାମକେରୀ
(D) ଦାଣ୍ଡିବୃତ୍ତ

47. କେଉଁଟି ଉପମା ବାଚକ ଶବ୍ଦ ନୁହେଁ ?
(A) ତୁଲ୍ୟ
(B) ଯଥା
(C) ଯେସନ
(D) ସତେ

48. ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଥିତ ହେଲେ କେଉଁ ଅଳଂକାର ହୁଏ ?
(A) ଉପମା
(B) ଉତ୍ପ୍ରେକ୍ଷା
(C) ରୂପକ
(D) ଶ୍ଳେଷ

49. "ପ୍ରଚେତା, ପ୍ରବାଳ ପ୍ରାସାଦର ରୁଚି ନୀଳ ନୀରୁ ଅବା ଫୁଟି ବାହାରୁଚି" – ଉଦ୍ଧୃତିରେ କେଉଁ ଅଳଂକାର ପ୍ରଯୁକ୍ତ ?
(A) ଯମକ
(B) ଉତ୍ପ୍ରେକ୍ଷା
(C) ଉପମା
(D) ଯମକ

50. ପିଲାମାନଙ୍କୁ ______ ଦେବା ଉଚିତ ନୁହେଁ । – ଉପଯୁକ୍ତ ରୂଢ଼ି ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।
(A) ଆଖିଦେବା
(B) ମୁହଁଦେବା
(C) ଫସରଫାଟିବା
(D) ପିଠିରେ ପଡ଼ିବା

Join Us- TOW